# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 28 February – 2026

## ଜରାୟୁ କର୍କଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥା ଅଜମେରଠାରୁ ଦେଶବ୍ୟାପୀ କିଶୋରୀମାନଙ୍କ ପାଇଁ ଜରାୟୁ କର୍କଟ ରୋଗ ଲାଗି ଦିଆଯାଉଥିବା ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ କରିବେ। ଭୁବନେଶ୍ୱର କୃଷି ଭବନରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ୨୮ଟି ୧୦୮ ଆମ୍ବୁଲାନ୍ସର ଲୋକାର୍ପଣ ମଧ୍ୟ କରିବେ । ଦେଶରେ ୧୪ ବର୍ଷ ବୟସ୍କ ପର୍ଯ୍ୟନ୍ତ ବାଳିକାଙ୍କୁ ଗୋଟିଏ ଡୋଜ୍ ଏବଂ ୧୪ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ୩ଟି ଡୋଜ ଏଚପିଭି ଟିକା ପ୍ରଦାନ କରାଯିବ। ପ୍ରଥମେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଟିକାକରଣ ହେବ। ଏହା ପରେ ୪୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ମହିଳାଙ୍କୁ ଟିକା ଦିଆଯିବ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି।

## ମହାନଦୀ ଜଳବିବାଦ

କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ମହାନଦୀ ଜଳବିବାଦ ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ ଏବଂ ସଦସ୍ୟମାନେ ଗତକାଲି ହୀରାକୁଦ ଜଳଭଣ୍ଡାର ଓ ବୁର୍ଲା ପାୱାର ହାଉସ୍‌ର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏ ସମ୍ପର୍କରେ ଆଡଭୋକେଟ ଜେନେରାଲ ପିତାମ୍ବର

ଆଚାର୍ଯ୍ୟ କହିଛନ୍ତି ପୂର୍ବରୁ ମହାନଦୀ ବିବାଦ ଆଇନ୍‌ଗତ ଓ ରାଜନୈତିକ ସ୍ତରରେ ଅଟକି ରହିଥିଲା, ଏବେ ଉଭୟ ଓଡ଼ିଶା ଓ ଛତିଶଗଡ ଆପୋଷ ବୁଝାମଣା ଜରିଆରେ ସମାଧାନ ପାଇଁ ସହମତି ପ୍ରକାଶ କରିଛନ୍ତି । ୩୦ହଜାର କୋଟି ଟଙ୍କାର ଇବ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାରେ ଚାଷୀମାନେ ଉପକୃତ ହେବେ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

## ମହାବିଦ୍ୟାଳୟ ପ୍ରତିଷ୍ଠା

ରାଜ୍ୟରେ ଆଉ ୩ଟି ମହାବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଗଞ୍ଜାମ ଜିଲ୍ଲା ମାଣ୍ଡିଆପଲ୍ଲୀସ୍ଥିତ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି  ଗଞ୍ଜାମ ଜିଲ୍ଲାର ସୋନାପୁରଠାରେ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ, ସମ୍ବଲପୁରର ଚିପିଲିମାରେ ପ୍ରାଣୀସମ୍ପଦ ବିଜ୍ଞାନ ଏବଂ ବଲାଙ୍ଗିରର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେବ ।

## ଲୋକ ଅଦାଲତ

ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମାସ ୧୪ ତାରିଖରେ ଅନୁଷ୍ଠିତ ହେବ । ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ଥିବା ମାମଲାର ଆପୋଷ ସହମତିରେ ସମାଧାନ କରାଯାଇ ପାରିବ । ଲୋକ ଅଦାଲତରେ ମୋକଦ୍ଦମା ଫଏସଲା ପାଇଁ କୌଣସି

ଆର୍ଥିକ ଖର୍ଚ୍ଚର ଆବଶ୍ୟକତା ପଡେ ନାହିଁ ବୋଲି ଖୋର୍ଦ୍ଧା ଜିଲ୍ଲାଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି ।

## ସମୀକ୍ଷା ବୈଠକ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଆସନ୍ତା ୫ ତାରିଖରୁ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଣ୍ଡଳୀସ୍ଥିତ ସିଆଇଏସ୍‌ଏଫ୍ ମୁଖ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀ ଶାହାଙ୍କ ଗସ୍ତ ସମୟରେ ସମସ୍ତ ବ୍ୟବସ୍ଥାର ସୁଚାରୁରୂପେ ପରିଚାଳନା ପାଇଁ ଆଲୋଚନା ହୋଇଥିଲା ।

## ଅମୃତବେଳା ସ୍ନାନଯୋଗ

ପବିତ୍ର ଗୋବିନ୍ଦ ଦ୍ୱାଦଶୀ ଅବସରରେ ଆଜି ପୂର୍ବାହ୍ନ ୧୦ଟା ୧୮ ମିନିଟ୍‌ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ପୁରୀ ମହୋଦଧିରେ ଅମୃତବେଳା ସ୍ନାନଯୋଗ ରହିଛି । ଏହି ସମୟରେ ମହୋଦଧିରେ ସ୍ନାନକଲେ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ମହୋଦଧିରେ ସ୍ନାନ ପାଇଁ ଆଜି ବହୁ ସାଧୁସନ୍ଥଙ୍କ ସମେତ ସାଧାରଣ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

### ଜାତୀୟ ବିଜ୍ଞାନ ଦିବସ

ଜାତୀୟ ବିଜ୍ଞାନ ଦିବସ ଆଜି ପାଳନ କରାଯାଉଛି। ପ୍ରଖ୍ୟାତ ଭାରତୀୟ ପଦାର୍ଥ ବିଜ୍ଞାନୀ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା ୨୮

ଫେବୃଆରୀ, ୧୯୨୮ ମସିହାରେ ଆବିଷ୍କୃତ ରମଣ ପ୍ରଭାବକୁ ଚିହ୍ନିତ କରିବା ଉଦ୍ଦେଶ୍ୟ ନେଇ ୧୯୮୭ ମସିହାରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହାର ପ୍ରସଙ୍ଗ ରହିଛି **ବିଜ୍ଞାନରେ ନାରୀ–ବିକଶିତ ଭାରତରେ ଅଗ୍ରଣୀ ଭୂମିକା।** ରମଣ ପ୍ରଭାବ ଆବିଷ୍କାର ପାଇଁ ସାର୍ ସି.ଭି.ରମଣଙ୍କୁ ନୋବେଲ ପୁରସ୍କାର ମିଳିଥିଲା।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ତୃଣମୂଳ ସ୍ତରରେ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବରଗଡରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ପାଇଁ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଧିକାରୀମାନେ ଜିଲ୍ଲାସ୍ତରରେ ସମସ୍ତ ଲକ୍ଷ୍ୟପ୍ରାପ୍ତି ପାଇଁ ସମନ୍ୱିତ ଓ ସହଯୋଗମୂଳକ ପ୍ରୟାସ କରିବାକୁ ସଂକଳ୍ପ ନେଇଥିଲେ।

## ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ମାନସିକ ସ୍ୱାସ୍ଥ୍ୟ, ବୁଦ୍ଧିମତା ଓ ଶିକ୍ଷାଗତ ଦର୍ଶନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରି ପିଲାମାନଙ୍କ ମାନସିକ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ ।

# ଯୁବସଂସଦ ପ୍ରତିଭା କାର୍ଯ୍ୟକ୍ରମ

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆସନ୍ତାକାଲି ବିକଶିତ ଭାରତ ଯୁବସଂସଦ ପ୍ରତିଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ ।

ସୁବର୍ଣ୍ଣପୁର ସରକାରୀ ମଡେଲ ଡିଗ୍ରୀ ମହାବିଦ୍ୟାଳୟଠାରେ ବିକଶିତ ଭାରତ ଯୁବ ସଂସଦ ଅନୁଷ୍ଠିତ ହୋଇଯାଇଛି ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫-୨୬ ପାଇଁ ଆବେଦନର ଶେଷ ତାରିଖ ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୁରସ୍କାର ପାଇଁ **msp.odisha.gov.in** ରେ ଆବେଦନ କରାଯାଇ ପାରିବ ।

# ସଚେତନତା କାର୍ଯ୍ୟକ୍ରମ

ନୂଆପଡା ଜିଲ୍ଲା ସୁନାବେଡା ଅଭୟାରଣ୍ୟରେ ଜଙ୍ଗଲ ନିଆଁ ଲିଭାଇବା ନେଇ ନାଗରିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ପ୍ରବୋଧନ ତାଲିମ

ମାଲକାନଗିରି ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୫୦୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# କରାଟେ ପ୍ରତିଯୋଗିତା

ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୧ବର୍ଷରୁ କମ୍ ତଥା ବରିଷ୍ଠ କରାଟେ ପ୍ରତିଯୋଗିତାରେ ଗତକାଲି ଓଡ଼ିଶାକୁ ୨ଟି ସ୍ୱର୍ଣ୍ଣ ସହ ୪ଟି ପଦକ ମିଳିଛି। ମହିଳା ବରିଷ୍ଠ ୫୦ କେଜି ବର୍ଗରେ ଲୋମା ସ୍ୱାଇଁ ଏବଂ ୨୧ ବର୍ଷରୁ କମ୍ ମହିଳା ବର୍ଗରେ ପ୍ରିୟଦର୍ଶିନୀ ଦାସଙ୍କୁ ସ୍ୱର୍ଣ୍ଣପଦକ ମିଳିଛି ।